## କ୍ଲିନ୍ ଆଣ୍ଡ ଗ୍ରୀନ୍ ପକ୍ଷରୁ ଚାରାରୋପଣ

**ରାଉରକେଲା, ୨୪।୬(ସମିସ):** ଗତ ଦୁଇଦିନ ମଧ୍ୟରେ ପାଣିପାଗରେ ପରିବର୍ତ୍ତନ ଦେଖି କ୍ଲିନ୍ ଆଣ୍ଡ ଗ୍ରୀନ୍‌ର କିଛି ପ୍ରକୃତିପ୍ରେମୀ ସଦସ୍ୟଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହି କ୍ରମରେ ପ୍ରଥମେ ରାଉରକେଲା ଇସ୍ପାତ ସହର ସେକ୍ଟର-୮ରେ ଅବସ୍ଥିତ ରାଉରକେଲା ମହାନଗର ନିଗମ ଦ୍ୱାରା ପରିଚାଳିତ ଆଶାର ଆଲୋକ ପରିସରରେ ୨୫ରୁ



ଉର୍ଦ୍ଧ୍ୱ ଫଳ ଗଛ ସହ ଅନ୍ୟ କିଛି ଦରକାରୀ ଗଛ ଚାରା ଲଗାଯାଇଥିଲା। ଦିନକୁ ଦିନ ବଢୁଥିବା ତାପମାତ୍ରା ସମସ୍ତଙ୍କ ମନରେ ଗୋଟିଏ କଥା ଉଦ୍ରେକ କରୁଛି, ଆଗକୁ ତିଷ୍ଠି ରହିବାକୁ ହେଲେ ବ୍ୟାପକ ବନୀକରଣ ଆବଶ୍ୟକ। ସେଥିପାଇଁ ଚଳିତ ବର୍ଷ ଚାରାରୋପଣ ଉପରେ ସମସ୍ତ ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ଉତ୍ସାହ ଅନୁଷ୍ଠାନର ପରିବେଶ ସୁରକ୍ଷା ପ୍ରତିବଦ୍ଧତାକୁ ପ୍ରମାଣ କରୁଛି। ସୂଚନାଯୋଗ୍ୟ ଯେ ଗତବର୍ଷ ସେକ୍ଟର-୧୪ରେ ପ୍ରାୟ ୯୦ଟି ଆତ ଚାରା ଲଗାଯାଇ ତା'ର ରକ୍ଷଣାବେକ୍ଷଣ ଅନୁଷ୍ଠାନ ଦ୍ୱାରା କରାଯାଉଛି। ଚଳିତ ଥର ମଧ୍ୟ ୧୮ଟି ଆତ ଗଛ ଲଗାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରାୟ ୩୦ ସଦସ୍ୟ ସଦସ୍ୟା ଅଂଶଗ୍ରହଣ କରିଥିଲେ।

## ଖବରକାଗଜ ବିତରକଙ୍କ ସହ ବିଧାୟକଙ୍କ ଆଲୋଚନା



**ରାଉରକେଲା, ୨୪।୬(ସମିସ):** ରାଉରକେଲା ଖବରକାଗଜ ବିତରକ ସଂଘ କର୍ମକର୍ତ୍ତାମାନେ ନବନିର୍ବାଚିତ ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କୁ ତାଙ୍କ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇବା ସହ ନିଜ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ବିତରକ ସଂଘ ସଭାପତି ମିହିର ପାତ୍ର, ସାଧାରଣ ସମ୍ପାଦକ କିଶୋର ରାଉତ ଓ ସାଂଗଠନିକ ସମ୍ପାଦକ ମନୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆର୍ତ୍ତତ୍ରାଣ ବେହେରା, ଅନିରୁଦ୍ଧ ଜେନା, ଅଶୋକ ବିଶ୍ୱାଳ, ଶୁକେନ୍ଦୁ ପାତ୍ର ଓ ସଂଗ୍ରାମ କିଶୋର ଭୂୟାଁ ପ୍ରମୁଖ ଏକ ପ୍ରତିନିଧି ଦଳ ବିଧାୟକ ତନ୍ତୀଙ୍କୁ ଭେଟି ରାଜ୍ୟ ସରକାର ବିତରକମାନଙ୍କୁ ଦେଇଥିବା ମାନ୍ୟତାର ଅବଧି ଶେଷ ହୋଇଥିବାରୁ, ତା'ର ଅବଧି ବୃଦ୍ଧି ସହ ବିତରକମାନଙ୍କ ସାମାଜିକ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଧାୟକ ଏହାକୁ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ବିତରକ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ରିଂ ରୋଡ୍ ଓ ପ୍ରସ୍ତାବିତ ବ୍ୟାରେଜ୍‌ର ଭାଗ୍ୟ ଅନ୍ଧାରରେ





**ବଣାଇଁ, ୨୪।୬(ସମିସ)**

ବଣାଇଁ ଉପଖଣ୍ଡ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠାକାର ଅଧିକାଂଶ ଲୋକ ସାଧାରଣତଃ ଚାଷ କାର୍ଯ୍ୟ ଉପରେ ନିର୍ଭର କରି ନିଜ ଜୀବିକା ନିର୍ବାହ କରିଆସୁଛନ୍ତି। କିନ୍ତୁ ଚାଷ କାର୍ଯ୍ୟ ପାଇଁ ମୁଖ୍ୟତଃ ବର୍ଷା ଜଳ ଉପରେ ନିର୍ଭର କରୁଥିବା ବେଳେ ବିଗତ କିଛି ବର୍ଷ ହେବ ବର୍ଷାର ଅନିୟମିତତା, ପାଣିପାଗର ପରିବର୍ତ୍ତନ କାରଣରୁ ଅଞ୍ଚଳରେ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହେଉଛି। ଚାଷ କାର୍ଯ୍ୟ ବ୍ୟତିତ ଗ୍ରୀଷ୍ମ ଋତୁରେ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ନଳକୂପ, ପୋଖରୀ, କୂଅ ସବୁ ଶୁଖିଲା ପଡୁଛି। ଫଳରେ ପିଇବା ପାଣି ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଣାଇଁ ସଦର ମହକୁମା ଦେଇ ଚିରସ୍ରୋତା ବ୍ରାହ୍ମଣୀ ପ୍ରବାହିତ ହେଉଥିଲେ ମଧ୍ୟ ଅଞ୍ଚଳରେ ଏହାର ଜଳ ସଦୁପଯୋଗ ହୋଇପାରୁନାହିଁ। ବଣାଇଁ ଉପଖଣ୍ଡ କୋଇଡ଼ା ବ୍ଲକର ପ୍ରତ୍ୟେକ ଗ୍ରାମକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ଗତ ୩ ବର୍ଷ ହେଲା ଲଲେଇ ଛକରେ ସରକାରଙ୍କ ପକ୍ଷରୁ ୨୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ଏମ୍‌ସିସି ଠିକା କମ୍ପାନୀ ଏକ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରଖିଥିବା ବେଳେ ଲହୁଣୀପଡ଼ା ବ୍ଲକ ପାଇଁ ବ୍ରାହ୍ମଣୀ ନଦୀର ଦେଓଧର, ଗୁରୁଣ୍ଡିଆ ବ୍ଲକ ପାଇଁ ପିତାଗାଁ ଏବଂ ବଣାଇଁ ବ୍ଲକ ପାଇଁ କେନ୍ଦ୍ରିକଳା ନିକଟରେ ବ୍ରାହ୍ମଣୀ ନଦୀ ଶଯ୍ୟାରେ ଇଣ୍ଟେକ ୱେଲ (କୂଅ) ନିର୍ମାଣ ସହିତ ପାନୀୟ ଜଳ ଯୋଗାଣ ପାଇଁ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ସେହିପରି ଉପରପଡ଼ା ନିକଟରେ ବ୍ରାହ୍ମଣୀ ନଦୀ ଶଯ୍ୟାରେ କୂଅ ଖୋଳି ଏସଏନ୍ ମହାନ୍ତି ସ୍ପଞ୍ଜ ଆଇରନ କାରଖାନା ପାଇପ୍ ଯୋଗେ ନଦୀ ଜଳ ନେଇ ବ୍ୟବହାର କରୁଥିବା ବେଳେ, ବିପରୀତ ପାର୍ଶ୍ୱରେ ଭାସ୍କର ସ୍ପଞ୍ଜ କାରଖାନା କୂଅ ଖୋଳିବା ସହ ନଦୀର ଜଳସ୍ରୋତକୁ ଖନନ କରି ବେଆଇନ ଭାବେ ବ୍ୟବହାର କରୁଛି। ଏତେ ସବୁ ପ୍ରକଳ୍ପ ବ୍ରାହ୍ମଣୀ ନଦୀ ଶଯ୍ୟାରେ ନିର୍ମାଣ ହେଉଥିବା ବେଳେ ମୋଟର ଯୋଗେ ପାଣି ଶୋଷିବା ଆରମ୍ଭ ହେବାମାତ୍ରେ ଖରାଦିନେ ତଳ ମୁଣ୍ଡରେ ଜଳ ପ୍ରବାହିତ ହେବ କି ନାହିଁ ତାହା ଆଶଙ୍କା ସୃଷ୍ଟି କରିଛି।

ସମସ୍ତ ସମସ୍ୟା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବ୍ରାହ୍ମଣୀ ନଦୀର ଜକେଇକଳାଠାରେ ଏକ ବ୍ୟାରେଜ ନିର୍ମାଣ ପାଇଁ ବଣାଇଁବାସୀ ପ୍ରସ୍ତାବ ଦେଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ୍ୟ ଦୀର୍ଘଦିନ ହେବ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ କିଛି ଜଣାପଡୁନାହିଁ। ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ପଦକ୍ଷେପ ନେଲେ ନଦୀର ଉଭୟ ପାର୍ଶ୍ୱରେ ଥିବା ୨୦ରୁ ଉର୍ଦ୍ଧ୍ୱ ରାଜସ୍ୱ ଗ୍ରାମ ଚାଷ କାର୍ଯ୍ୟ କରିବା ସହ ପାନୀୟ ଜଳ ପାଇ ଉପକୃତ ହୋଇପାରନ୍ତେ। ଏଥିସହିତ ନଦୀର ଉଭୟ ପାର୍ଶ୍ୱରେ ଥିବା ପାଖାପାଖି ୩୦୦୦ ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମିକୁ ଜଳସେଚନ କରି ବର୍ଷକୁ ଦୁଇଥର ଚାଷ କରାଯାଇ ପାରନ୍ତା। ଦ୍ୱିତୀୟତଃ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗ୍ରୀଷ୍ମ ଋତୁରେ ଦେଖାଯାଉଥିବା ଜଳ ସମସ୍ୟା ଦୂର ହୋଇପାରନ୍ତା। ୭୩୦ ମିଟର ଲମ୍ବ ଏହି ପ୍ରକଳ୍ପ କାର୍ଯ୍ୟପାଇଁ ୩ ମାସ ପୂର୍ବରୁ ରାଉରକେଲା ସର୍ଭେ ଏବଂ ଅନୁସନ୍ଧାନ ବିଭାଗ ପକ୍ଷରୁ ପ୍ରାରମ୍ଭିକ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇସାରିଛି। ତେଣୁ ଏହାର ଉପାଦେୟତା ଓ ଆବଶ୍ୟକତାକୁ ଭିତ୍ତିକରି ଏଠାରେ ଏକ ବ୍ୟାରେଜ ନିର୍ମାଣ କରିବାକୁ ଯଥାଶୀଘ୍ର ସରକାର ଅନୁମତି ପ୍ରଦାନ କରିବାକୁ ବଣାଇଁବାସୀ ଚାହିଁ ରହିଛନ୍ତି। ସେହିପରି ନରେନ୍ଦ୍ର ସେତୁ ନିକଟରୁ ବ୍ରାହ୍ମଣୀ ନଦୀ କୂଳେ କୂଳେ ଜାଙ୍ଗଡ଼ା ପର୍ଯ୍ୟନ୍ତ ଏକ ରିଂ ରୋଡ ନିର୍ମାଣ ପାଇଁ ବଣାଇଁ ଜନସାଧାରଣଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ସେହି କାର୍ଯ୍ୟର ଅଗ୍ରଗତି ହୋଇପାରିନାହିଁ। ଚଳିତ ବର୍ଷ ଫେବୃଆରୀରେ ତତ୍କାଳୀନ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବଣାଇଁ ଗସ୍ତ କରିଥିବାବେଳେ ଜନସାଧାରଣଙ୍କ ତରଫରୁ ରିଂ ରୋଡ ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ଗ୍ରହଣ କରିବା ପରେ ଆସନ୍ତା ୧୦ ଦିନ ମଧ୍ୟରେ କେନ୍ଦ୍ରୀୟ ବୈଷୟିକ ଟିମ୍ ଆସି ପ୍ରକଳ୍ପର ସର୍ଭେ କାର୍ଯ୍ୟ କରି ରିପୋର୍ଟ ପ୍ରଦାନ କରିବେ ଏବଂ ଡିପିଆର ପ୍ରସ୍ତୁତି ହେବା ପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସେ ସବୁ ଫାଇଲ୍ ଭିତରେ ରହିଯାଇଥିବା ବେଳେ ଏସବୁ ପ୍ରକଳ୍ପର ଭବିଷ୍ୟତ ଅନ୍ଧାରରେ ରହିଯାଇଥିବା ଚର୍ଚ୍ଚା ହେଉଛି।

**କେବେଠାରୁ ଏନ୍‌ଏସି କାର୍ଯ୍ୟକ୍ଷମ**

ଅନୁରୂପ ଭାବେ ପୂର୍ବ ସରକାର ଅମଳରେ ବଣାଇଁକୁ ଏନ୍‌ଏସି ଘୋଷଣା କରିବାର ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏନ୍‌ଏସି କାର୍ଯ୍ୟକ୍ଷମ ହେବାକୁ ଆଉ କେତେ ଦିନ ଲାଗିବ ସେ ନେଇ ମଧ୍ୟ ସନ୍ଦିହାନ ହେଲେଣି ବଣାଇଁବାସୀ। ତେଣୁ ନବନିର୍ବାଚିତ ବିଧାୟକ ଓ ସାଂସଦ ବଣାଇଁର ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି।

## ଆର୍‌ଏସ୍‌ପିର ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ — ଲୁହାପଥର ଉତ୍ପାଦନ ଏବଂ ଚାଲାଣରେ ନୂତନ ରେକର୍ଡ

**ରାଉରକେଲା, ୨୪।୬(ସମିସ):** ଆରଏସପି ଅଧୀନ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ (ଓଜିଓଏମ) ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଲୁହାପଥର ଉତ୍ପାଦନ ତଥା ଚାଲାଣରେ ଉଲ୍ଲେଖନୀୟ ମାଇଲଖୁଣ୍ଟ ଅତିକ୍ରମ କରିଛି। ଖଣି ସମୂହ ପୂର୍ବ ବର୍ଷର ୧୩.୯୨ ନିୟୁତ ଟନଠାରୁ ୨.୭୬ ପ୍ରତିଶତ ଅଭିବୃଦ୍ଧି ହାସଲ ସହକାରେ ଚଳିତ ଆର୍ଥିକ ବର୍ଷରେ ୧୪.୩୦୪ ନିୟୁତ ଟନ ଲୁହାପଥର ଉତ୍ପାଦନ ହାସଲ କରି ଏହାର ସର୍ବକାଳୀନ ଶ୍ରେଷ୍ଠ ଉତ୍ପାଦନ ରେକର୍ଡ ହାସଲ କରିଛି। ଏଥିସହ ଖଣି ସମୂହ ଲୁହାପଥର ଚାଲାଣ କ୍ଷେତ୍ରରେ ମଧ୍ୟ ପୂର୍ବ ଆର୍ଥିକ ବର୍ଷର ୧୩.୮୧୦ ନିୟୁତ ଟନ ଚାଲାଣ ତୁଳନାରେ ୩.୮୪ ପ୍ରତିଶତ ଅଭିବୃଦ୍ଧି ସହ ଚଳିତ ଆର୍ଥିକ ବର୍ଷରେ ରେକର୍ଡ ୧୪.୧୫୪ ନିୟୁତ ଟନ ଲୁହାପଥର ଚାଲାଣ କରିଛି।

ଖଣି ସମୂହଙ୍କ ମଧ୍ୟରେ ଅନେକ ଖଣି ବ୍ୟକ୍ତିଗତ ରୂପେ ମଧ୍ୟ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ବଲାଣି ଓର ମାଇନ୍ସ ୨୦୨୨-୨୩ ଆର୍ଥିକ ବର୍ଷରେ ୭.୨୦ ନିୟୁତ ଟନ ଲୁହପଥର ଉତ୍ପାଦନ ସହ ଏହାର ୨୦୨୧-୨୨ ଆର୍ଥିକ ବର୍ଷରେ ହାସଲ ହୋଇଥିବା ୭.୧୧ ନିୟୁତ ଟନର ପୂର୍ବ ଶ୍ରେଷ୍ଠ ବାର୍ଷିକ ଲୁହାପଥର ଉତ୍ପାଦନ ରେକର୍ଡକୁ ଅତିକ୍ରମ କରିଛି। ସେହିଭଳି, ତାଲଡିହ ଆଇରନ୍ ମାଇନ୍ସ ୧.୪୮୯ ନିୟୁତ ଟନ ଲୁହାପଥର ଉତ୍ପାଦନ ସହ ଏହାର ସର୍ବକାଳୀନ ଶ୍ରେଷ୍ଠ ବାର୍ଷିକ ଉତ୍ପାଦନ ହାସଲ କରିଛି ଏବଂ ୨୦୨୧-୨୨ରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ୧.୩୪ ନିୟୁତ ଟନ ଉତ୍ପାଦନ ରେକର୍ଡକୁ ଅତିକ୍ରମ କରିଛି। ଏଥି ମଧ୍ୟରେ ସର୍ବକାଳୀନ ଶ୍ରେଷ୍ଠ ୦.୫୫୯ ନିୟୁତ ଟନ ଲୁହାପଥର ଲମ୍ପ୍ସ ଏବଂ ୦.୯୩୦ ଲୁହାପଥର ଫାଇନ୍ସ ଉତ୍ପାଦନ ଅନ୍ତର୍ଭୁକ୍ତ ଥିଲା। କାଲ୍ଟା ଆଇରନ୍ ମାଇନ୍ସ ମଧ୍ୟ ୧.୯୬୪ ନିୟୁତ ଟନ



ଲୁହାପଥର ଫାଇନ୍ସ ରେକର୍ଡ ଉତ୍ପାଦନ ସହିତ ଏହି ସଫଳତାରେ ଯୋଗଦାନ ଦେଇଥିଲେ। ଏଥିସହ ୨୦୨୩ ଡିସେମ୍ବରରେ ଖଣିଗୁଡ଼ିକରେ ସର୍ବଶ୍ରେଷ୍ଠ ମାସିକ ଉତ୍ପାଦନ ରେକର୍ଡ କରାଯାଇଥିଲା। ବଲାଣି ୪୭୬୮୭୫ ଟନ୍ ଫାଇନ୍ସ ଏବଂ ମୋଟ ୭୪୫୯୫୫ ଟନ୍ ଉତ୍ପାଦନ ହାସଲ କରିଥିବା ବେଳେ ତାଲଡିହ ୧୭୭୬୪୧ ଟନ୍ ଉତ୍ପାଦନ କରିଥିଲା। ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ମିଳିତ ଭାବରେ ୫୨୬୮୫୭ ଟନ୍ ଲମ୍ପ୍ସ ଏବଂ ୯୮୩୩୩୧ ଟନ୍ ଫାଇନ୍ସ ଉତ୍ପାଦନ ସହ ନୂତନ ମାସିକ ରେକର୍ଡ ସ୍ଥିର କରିଥିଲେ।

ଚାଲାଣ କ୍ଷେତ୍ରରେ ବୋଲାଣି ଓର ମାଇନ୍ସ ୭.୩୯ ନିୟୁତ ଟନ ଚାଲାଣ ସହ ଏହାର ସର୍ବଶ୍ରେଷ୍ଠ ବାର୍ଷିକ ଲୁହାପଥର ଚାଲାଣ ହାସଲ କରିଥିଲା। ଏଥିମଧ୍ୟରେ ଫାଇନ୍ସ ଏବଂ ଲମ୍ପ୍ସ ଯଥାକ୍ରମେ ୪.୭୧ ନିୟୁତ ଟନ ଏବଂ ୨.୬୮ ନିୟୁତ ଟନ ରହିଥିଲା। ତାଲଡିହ ଆଇରନ୍ ମାଇନ୍ସ ୧.୪୪୮ ନିୟୁତ ଟନ ରେକର୍ଡ ଚାଲାଣ ହାସଲ କରିଛି, ଯେଉଁଥିରେ ୦.୫୪୯ ନିୟୁତ ଟନ ଲମ୍ପ୍ସ ଏବଂ ୦.୯୦୩ ନିୟୁତ ଟନ ଫାଇନ୍ସ ରହିଛି। କାଲ୍ଟା ଆଇରନ୍ ମାଇନ୍ସ ୧.୯୨୭ ନିୟୁତ ଟନ ଲୁହାପଥର ଫାଇନ୍ସ ଚାଲାଣ ସହ ଏହାର ସର୍ବୋଚ୍ଚ ଚାଲାଣ ରେକର୍ଡ ହାସଲ କରିଥିଲା। ଏହି ସଫଳତାର ଧାରାରେ ଯୋଡ଼ିହୋଇ ଖଣି ସମୂହ ବୋଲାଣି ଓର ମାଇନ୍ସର ୬.୯ ବର୍ଗ ମାଇଲ ମାଙ୍ଗାନିଜ୍ ଖଣି ଲିଜରୁ ମାଙ୍ଗାନିଜ ଚାଲାଣ ଆରମ୍ଭ କରିଛି। ୨୦୨୩ ଅଗଷ୍ଟ ୩୦ରେ ପ୍ରଥମ ସିପମେଣ୍ଟରେ ୧୧୩୬ ଟନ ମାଙ୍ଗାନିଜ ରାଉରକେଲା ଇସ୍ପାତ କାରଖାନାକୁ ପଠାଯାଇଥିଲା, ଯାହା ଖଣିର କାର୍ଯ୍ୟକ୍ଷମତା ବିସ୍ତାରଣରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। ଏହି ସଫଳତା ଅପରେସନାଲ ଉତ୍କର୍ଷତା ପାଇଁ ଓଡ଼ିଶା ଖଣି ସମୂହର ପ୍ରତିବଦ୍ଧତା ଏବଂ ଆରଏସପିକୁ ସହଯୋଗ ପ୍ରଦାନରେ ଏହାର ପ୍ରମୁଖ ଭୂମିକାକୁ ସୂଚିତ କରୁଛି। ଇସ୍ପାତ ଶିଳ୍ପ ଯୋଗାଣ ଶୃଙ୍ଖଳାରେ ଯଥେଷ୍ଟ ଅବଦାନ ଦେଇ ଖଣି ସମୂହ ଉଚ୍ଚ ମାନଦଣ୍ଡ ପାଇଁ ଉଦ୍ୟମ ଜାରି ରଖିଛି।

## ଏକତ୍ର ରାଉରକେଲାର ନାଟ୍ୟ ଆଲୋଚନାଚକ୍ର





**ରାଉରକେଲା, ୨୪।୬(ସମିସ):** ସହରର ୨୫ ନାଟ୍ୟାନୁଷ୍ଠାନକୁ ନେଇ ଗଠିତ ଏକତ୍ର ରାଉରକେଲା ତରଫରୁ ନାଟ୍ୟ ଆଲୋଚନାଚକ୍ର ସେକ୍ଟର-୭ ମଧୁ ମଣ୍ଡପରେ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ଜନ୍ମ ଶତବାର୍ଷିକୀ ପରିପ୍ରେକ୍ଷୀରେ 'ନବନାଟ୍ୟ ଆନ୍ଦୋଳନର ନାୟକ ମନୋରଞ୍ଜନ' ଶୀର୍ଷକ ସ୍ୱତନ୍ତ୍ର ନାଟ୍ୟ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଭାରତ ଭୂଷଣ ମହାନ୍ତି, ସ୍ୱତନ୍ତ୍ର ଅତିଥି ତଥା ସମ୍ବର୍ଦ୍ଧିତ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇଥିଲେ। ଏକତ୍ରର ସଭାପତି ରାଜୀବ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଆଲୋଚକ ଭାବେ ପ୍ରଫେସର ଡ. ସମର ମୁଦାଲି ଓ ଡ. ସଞ୍ଜୟ ହାତୀ ଯୋଗଦେଇ ଆଲୋଚ୍ୟ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଡ. ମୁଦାଲି ତାଙ୍କ ବକ୍ତବ୍ୟରେ କହିଲେ ଯେ ନାଟ୍ୟକାର ମନୋରଞ୍ଜନ ଦାସ ହେଉଛନ୍ତି ନବନାଟ୍ୟ ଆନ୍ଦୋଳନର ପୁରୋଧା। ଓଡ଼ିଆ ନବନାଟକର ପ୍ରବର୍ତ୍ତକ। ଆଧୁନିକ ନାଟକର ଜନକ। ୧୯୪୯ ମସିହା ପର୍ଯ୍ୟନ୍ତ ଯେଉଁ ନାଟ୍ୟଧାରା ଚାଲିଥିଲା, ସେହି ଧାରାକୁ ପରିବର୍ତ୍ତନ କରି ସେ ପାଶ୍ଚାତ୍ୟ ଶୈଳୀରେ ଓଡ଼ିଆ ନାଟକକୁ ପରୀକ୍ଷା ନିରୀକ୍ଷା କରି ବିଷୟବସ୍ତୁ, ଚରିତ୍ର, ସଂଳାପ, ସଙ୍ଗୀତ, ଆଲୋକ, ମଞ୍ଚଶୈଳୀରେ ନୂତନତା ଆଣିଥିଲେ। ଅନ୍ୟତମ ଆଲୋଚକ ଡ. ହାତୀ ପଦ୍ମଶ୍ରୀ ମନୋରଞ୍ଜନଙ୍କ କାଠଗଡ଼ା ଓ ଆଗାମୀ ନାଟକକୁ ଆଲୋଚନା କରିଥିଲେ। ସେ ଓଡ଼ିଆ ନାଟକକୁ ନୂତନ ଧାରା ଓ ତାଙ୍କ ନାଟକରେ ପାଶ୍ଚାତ୍ୟ ପ୍ରଭାବ ରହିଛି ବୋଲି ମତ ରଖିଥିଲେ। ମୁଖ୍ୟଅତିଥି ସାହିତ୍ୟିକ ମହାନ୍ତି ନାଟ୍ୟକାର ମନୋରଞ୍ଜନଙ୍କୁ ନାଟ୍ୟ ଜଗତର ଜଣେ ଉଜ୍ଜ୍ୱଳ ନକ୍ଷତ୍ର ସହ ତୁଳନା କରିଥିଲେ। ତାଙ୍କ ରଚିତ ନାଟକ ସମାଜରେ ନବଜାଗରଣ ସୃଷ୍ଟି କରିଥିଲା ବୋଲି ମତ ରଖିଥିଲେ।

ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଆଲୋକ ରଞ୍ଜନ ବୋଷ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଧାରଣ ସମ୍ପାଦକ ସୁଦେଶ ନାୟକ ମଞ୍ଚ ସଂଯୋଜନା କରିଥିଲେ। ସଭାପତି ପାଣି କାର୍ଯ୍ୟକ୍ରମର ଆଭିମୁଖ୍ୟ ସହ ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ଅତିଥି ବିଧାୟକ ନାୟକ 'ଏକତ୍ର'ର ଐକ୍ୟବଦ୍ଧତା ଓ ନାଟକ ପ୍ରତି ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ମତ ରଖିଥିଲେ। ଉପସଭାପତି ରମେଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କନକଲତା ଦାସ, ପ୍ରଜ୍ଞାନନ୍ଦ ମହାନ୍ତି, ଶରତ ଶଙ୍ଖୁଆ, କିଶୋରୀ ମୋହନ କର, ଅକ୍ଷୟ ଧଳ, ବିଲୋଚନ ପାତ୍ର, ବବିତା ମହାଳିକ, ନୀତା ଗୋସ୍ୱାମୀ, ଅରୁନ୍ଧତୀ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆଲୋଚନାଚକ୍ରରେ କଳିଙ୍ଗ କଳା ପରିଷଦ, ପ୍ରତିଧ୍ୱନି, ପଞ୍ଚମ ବେଦ, ସଂକଳ୍ପ, ସମ୍ପର୍କ, ମହୁମାଛି, ସ୍ପନ୍ଦନ, ରଙ୍ଗମଞ୍ଚ, ଆମେ ନାଟୁଆ, ସ୍ୱସ୍ତି ଝଙ୍କାର, ପ୍ରୟାସ, କଲଚରାଲ ଏକାଡେମୀ, ନାୟିକା ରାଉରକେଲା, ତିତିଲି, ପ୍ରଗତି ଉତ୍କଳ ସଂଘ, ନଟରାଜ ନୃତ୍ୟ ପରିଷଦ, ସାରନା ନବଯୁବକ ସଂଘ, ଉତ୍କଳୀୟ ସାଂସ୍କୃତିକ ଶିଳ୍ପୀ, ପରିଚୟ, କୋଶଳ ନାଟକ ପରିଷଦ, କଳାକାର ଏକତା ମଞ୍ଚ, କୋଏଲ କ୍ଲବ, ଦି ବିଲିଭର୍ସ, କସ୍ତୁରୀ ଓ ଉପହାରର କର୍ମକର୍ତ୍ତାଙ୍କ ସହ ଶତାଧିକ ନାଟ୍ୟପ୍ରେମୀ ଉପସ୍ଥିତ ଥିଲେ।

# କ୍ଷେତ୍ର ପରିଦର୍ଶନ କରି ଲୋକଙ୍କ ସମସ୍ୟା ଶୁଣିଲେ ବିଧାୟକ





**ରାଉରକେଲା, ୨୪।୬(ସମିସ)**

ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଏବଂ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ସୋମବାର ରଘୁନାଥପାଲୀର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଛନ୍ତି। ଦୀର୍ଘ ୨୫ ବର୍ଷ ପରେ ପ୍ରଥମ କରି ବିଧାୟକ ତଥା ପ୍ରଶାସନିକ ଅଧିକାରୀ ଜନତାଙ୍କ ନିକଟକୁ ଆସି ସେମାନଙ୍କ ଗୁହାରି ଶୁଣି ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବିଧାୟକ ତନ୍ତୀଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର କୁଲକର୍ଣ୍ଣି ସୋମବାର ରଘୁନାଥପାଲୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଝାରମୁଣ୍ଡା, ଟାଙ୍ଗରପାଲି ଅଧୀନରେ ଥିବା ବିଭିନ୍ନ ବସ୍ତି ଗସ୍ତ କରି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଉଭୟ ବିଧାୟକ ଓ ଅତିରିକ୍ତ ଜିଲ୍ଲାପାଳ ମୁଣ୍ଡା ବସ୍ତି, କାଟେ ବସ୍ତି, ଭାଟା ବସ୍ତି, ଚର୍ଚ୍ଚ ବସ୍ତି, ସମରା ବସ୍ତି, ବିଜୁବନ୍ଧ, ରେଙ୍ଗାଡିହି ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହ ଏଗୁଡ଼ିକର ସମାଧାନ ଯଥାଶୀଘ୍ର କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯୁବ ସମାଜସେବୀ ଅଶୋକ ପଟ୍ଟନାୟକଙ୍କ ନେତୃତ୍ୱରେ ବିଭିନ୍ନ ବସ୍ତିର ଶତାଧିକ ଲୋକ ପ୍ରଶାସନ ସହ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଆଲୋଚନା ସମୟରେ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ବସ୍ତି ଅଞ୍ଚଳରେ ଯାତାୟାତ ପାଇଁ ରାସ୍ତା ସଂଯୋଗୀକରଣ ସହ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ସେ କହିଥିଲେ। ଏଥି ସହ ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରାରମ୍ଭିକ ଶିକ୍ଷା ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଏବଂ ପ୍ରାଥମିକ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପ୍ରତିଷ୍ଠା କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ କଲ୍ୟାଣ ମଣ୍ଡପ ଓ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରିବା ଉପରେ ସେ ଧ୍ୟାନ ଦେଇଥିଲେ।

କାଟେ ବସ୍ତି, ବାହାଗଡ଼, ରେଙ୍ଗାଲି, ବାଗାନ ବସ୍ତିରେ ସ୍ୱାଧୀନତାର ୭୭ ବର୍ଷ ପରେ ବି ବିଜୁଳି ସଂଯୋଗ ନ ଥିବାରୁ ଅଞ୍ଚଳର ୧୫୦ରୁ ଉର୍ଦ୍ଧ୍ୱ ପରିବାର ଅନ୍ଧକାରରେ ଜର୍ଜରିତ ଜୀବନଯାପନ କରୁଛନ୍ତି। ସେମାନେ ଆଜି ପ୍ରଶାସନକୁ ଦୁଆର ପାଖରେ ପାଇ ଏ ସମ୍ପର୍କରେ ଗୁହାରି କରିଥିଲେ। ସେମାନଙ୍କ ସମସ୍ୟା ଖୁବ ଶୀଘ୍ର ସମାଧାନ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ ଓ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ ସମୟରେ ଆରଏମସି ସହକାରୀ ଆୟୁକ୍ତ ଅଜିତ ପଟ୍ଟନାୟକ, ତହସିଲଦାର ନିବେଦିତା ପ୍ରଧାନ, ସମାଜସେବୀ ଅଶୋକ ପଟ୍ଟନାୟକଙ୍କ ସହ ବିଭିନ୍ନ ବିଭାଗ ଓ ଆରଏମସି ଅଧିକାରୀ ତଥା କର୍ମଚାରୀ, ମଣ୍ଡଳ ସଭାପତି ଅମ୍ରିତଲାଲ ଓରାମ, ବାସୁ ସରଗରିଆ, ସଞ୍ଜୟ ଭୂମିଜ, ନରେଶ ଜେନା, ଅମୂଲ୍ୟ ସେଠୀ, ନରନାଥ କନୱାର, ବାସୁଦେବ ନାଥ ଉପସ୍ଥିତ ଥିଲେ। ଅନ୍ୟପଟେ ବସ୍ତିର ବୈକୁଣ୍ଠ ପାତ୍ର, ମନୋଜ ପାତ୍ର, ଉଗ୍ରସେନ ମୁଣ୍ଡା, ପ୍ରଦୀପ ଦାସ ଉପସ୍ଥିତ ଥିଲେ।

## ରାଜଗାଙ୍ଗପୁର ବ୍ଲକରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ରାଜଗାଙ୍ଗପୁର, ୨୪।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ବିଧାନସଭା କ୍ଷେତ୍ରରୁ କ୍ରମାଗତ ଦ୍ୱିତୀୟ ଥର ନିର୍ବାଚିତ ହୋଇଥିବା ବିଧାୟକ ଡା. ସିଏସ ରାଜନ ଏକ୍କାଙ୍କୁ ରାଜଗାଙ୍ଗପୁର ବ୍ଲକ ସଭାଗୃହରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଛି। ରାଜଗାଙ୍ଗପୁର ବିଡିଓ ଅକ୍ଷୟ କୁମାର ବାଗଙ୍କ ତତ୍ତ୍ୱାବଧାନରେ ବ୍ଲକ କର୍ମଚାରୀଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଯଥାଶୀଘ୍ର ବିଧାୟକ ପାଣ୍ଠିରୁ ୮ ଲକ୍ଷ ଟଙ୍କା ବ୍ୟୟରେ ବ୍ଲକ ପରିସରରେ ଏକ ଶୌଚାଳୟ ଓ ସରପଞ୍ଚଙ୍କ ପାଇଁ ଏକ ବୈଠକ ଗୃହ ନିର୍ମାଣ କରାଯିବ ବୋଲି ବିଧାୟକ କହିଥିଲେ। ବିଭିନ୍ନ କାର୍ଯ୍ୟରେ ବ୍ଲକକୁ ଆସୁଥିବା ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ଓ ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ପାଇଁ କାର୍ଯ୍ୟରତ ଅଧିକାରୀଙ୍କୁ ବିଧାୟକ ଏକ୍କା ପରାମର୍ଶ ଦେଇଥିଲେ। ଏହା ସହ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ନିଜ ପଞ୍ଚାୟତରେ ଥିବା ସମସ୍ୟା ଉପରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ ଆଚାର୍ଯ୍ୟ, କନିଷ୍ଠ ଯନ୍ତ୍ରୀ ରୂପକ ପଟେଲ, ମନୋଜ କୁମାର ସୋରେଙ୍ଗ, ସଙ୍ଗୀତା ଦାସ, ଗ୍ରାମପଞ୍ଚାୟତ ଅଧିକାରୀ ରାମକୃଷ୍ଣ ମୁଣ୍ଡାରୀ, ବ୍ଲକ ପ୍ରୋଗ୍ରାମ ସଂଯୋଜକ ଅମ୍ବର ବୁଢ଼, ବ୍ଲକ ଶିକ୍ଷା ଅଧିକାରୀ ସରିତା ସରୋନିଆ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କାମିନୀ ମାଝୀ, ସରପଞ୍ଚ ବିନୟ ବାର୍ଲା, ବିଷ୍ଣୁ ଲାକ୍ରା, ଲଳିତ ଲାକ୍ରା, ଫ୍ରାନ୍ସିସ ମିଞ୍ଜ, ବ୍ଲକ ଉପାଧ୍ୟକ୍ଷ ସେମ ଟପ୍ପୋ ପ୍ରମୁଖ ଉପସ୍ଥିତ ଥିଲେ।



## ସମସ୍ୟା ଘେରରେ ତଲସରା ଆଦର୍ଶ ବିଦ୍ୟାଳୟ

# ସ୍କୁଲ ବସ୍ ଓ ହଷ୍ଟେଲ ପାଇଁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଦାବି

ବାଲିଶଙ୍କରା, ୨୪।୬(ସମିସ)




ଶିକ୍ଷାର ବିକାଶ ଦିଗରେ ସରକାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ଖାଇବା, ରହିବା ଓ ଯିବାଆସିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବାସ୍ତବରେ କେତେକ ଶିକ୍ଷାନୁଷ୍ଠାନରେ ତାହାର ବ୍ୟତିକ୍ରମ ଦେଖାଦେଇଥାଏ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବାଲିଶଙ୍କରା ବ୍ଲକର ତଲସରା ଆଦର୍ଶ ବିଦ୍ୟାଳୟରେ। ଏହି ବିଦ୍ୟାଳୟ ୨୦୨୨ରେ ଆରମ୍ଭ ହୋଇଥିଲା। ଏଠାରେ ଏବେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବାବେଳେ ଗତବର୍ଷ ଛାତ୍ରଛାତ୍ରୀ ସଂଖ୍ୟା ୧୬୦ ଥିଲା। ଏ ବର୍ଷ ୨୩୮ ଛାତ୍ରଛାତ୍ରୀ ଅଛନ୍ତି। ଛାତ୍ରଛାତ୍ରୀଙ୍କୁ ନେବା ଆଣିବା ପାଇଁ ମାତ୍ର ୨ଟି ବସ୍ ଅଛି। ସେଥିମଧ୍ୟରୁ ବନଡେଗା, ଶାଗବାହାଲ, ଲୁଲକିଡିହି ଅଞ୍ଚଳରେ ଗୋଟିଏ ବସ ଓ କିଞ୍ଜିରକେଲା, କୁସୁମୁରା, ଭଣ୍ଡାର କରୁଆବାହାଲ ଅଞ୍ଚଳରେ ଆଉ ଗୋଟିଏ ବସ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା କରିଥାଏ। ହେଲେ ମାତ୍ର ୨ଟି ବସ୍ ଥିବାରୁ ଷଷ୍ଠ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା ସମ୍ଭବପର ହେଉନାହିଁ। ଯାହା ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଚିନ୍ତାର କାରଣ ପାଲଟିଛି। ଅପରପକ୍ଷେ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା ପାଇଁ ଅଭିଭାବକମାନେ ବାରମ୍ବାର ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କୁ ଦାବି କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁବିଧା ହୋଇପାରୁ ନ ଥିବାରୁ ଉଦବେଗ ପ୍ରକାଶ ପାଇଛି। ବିଦ୍ୟାଳୟ ସମସ୍ୟା ନେଇ ତଲସରା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କିଶାନଙ୍କୁ ଯୋଗାଯୋଗ କରିବାରୁ କହିଲେ, ମୁଁ ଏ ବିଷୟରେ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛି। କେବେ କାର୍ଯ୍ୟକାରୀ ହେବ ତାହା ତାଙ୍କ ହାତରେ ରହିଛି ବୋଲି ମତ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

### ● ଅଙ୍ଗନବାଡ଼ି କେନ୍ଦ୍ରରେ ନିମ୍ନମାନର ଖାଦ୍ୟ ପ୍ରଦାନ ଅଭିଯୋଗ

# ତଦନ୍ତ ଆରମ୍ଭ କଲେ ସିଡିପିଓ

**ବାଲିଶଙ୍କରା, ୨୪।୬(ସମିସ):** ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ କୁରେଇ ମହାକୁଲପଡ଼ା ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ସୋମବାର ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରତିମା ତନ୍ତୀ ସମ୍ପୃକ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଇ ତଦନ୍ତ କରିଛନ୍ତି। ଏହା ସହ ଗ୍ରାମରେ ଏକ ବୈଠକ ହୋଇଥିଲା। ଏଥିରେ ସରପଞ୍ଚ ଅଲବିନା କିରୋଙ୍କ ସମେତ ଗ୍ରାମର ସମସ୍ତ ଜନସାଧାରଣ ଯୋଗଦେଇଥିଲେ। ଅଙ୍ଗନବାଡ଼ି କର୍ମୀ କାର୍ଯ୍ୟରେ ଅବହେଳା କରୁଥିବାରୁ ଶିଶୁ ଓ ମହିଳାଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଗ୍ରାମବାସୀ ଦର୍ଶାଇଥିଲେ। ଅଙ୍ଗନବାଡ଼ି କର୍ମୀ ମଧ୍ୟ ନିଜ ପକ୍ଷ ରଖିଥିଲେ। ବିଭିନ୍ନ ଆଲୋଚନା ପରେ କୌଣସି ସମାଧାନ ନ ହେବାରୁ ଆସନ୍ତା ଶୁକ୍ରବାର ପୁନର୍ବାର ବୈଠକ ବସିବା ପାଇଁ ସ୍ଥିର ହୋଇଛି। ବୈଠକରେ ଉଦୟକାନ୍ତି ପଟେଲ, ପୂର୍ଣ୍ଣମୀ ପଟେଲ, ତ୍ରିନାଥ ଖୁଣ୍ଟିଆ, ନରେନ କୁଣ୍ଡିଆ, ଦୀନବନ୍ଧୁ ଖୁଣ୍ଟିଆ, ଧନେଶ୍ୱର ଖୁଣ୍ଟିଆ,



ଶିବାନୀ ନାଏକ, ପ୍ରଶାନ୍ତ ବାରିକ, ପ୍ରତାପ ବାରିକ, ବାସନ୍ତୀ ଖୁଣ୍ଟିଆ, ଗୋଲାପୀ ବାରିକ, ଗୀତ ବାରିକ, ପୂର୍ଣ୍ଣ ଖୁଣ୍ଟିଆ, ନମିତା ବାଗ, ପୁଷ୍ପାଞ୍ଜଳି ମାଝୀ, ଲୋଲାରେନ ତିର୍କୀ, ତାରାବତୀ ସାଏ, ରଜନୀ ସାନେ, ପୂର୍ଣ୍ଣ ବାଗ, ବିଶ୍ରାନ୍ତି ଡୁଙ୍ଗଡୁଙ୍ଗ, ସୁଶୀଳା ନାଏକ ଯୋଗଦେଇଥିଲେ।

# ଶ୍ରୀରାମ କଥା ପ୍ରବଚନ

**ହେମଗିରି, ୨୪।୬(ସମିସ):** ଆଚାର୍ଯ୍ୟ ଧର୍ମଚେତନା ଆଶ୍ରମ ହେମଗିରିରେ ଚାଲିଛି ଶ୍ରୀରାମ କଥାମୃତ ପ୍ରବଚନ। ପ୍ରବଚକ ଅନନ୍ତ ପରିଚାଳନା ସାଙ୍ଗକୁ ଆନୁଷଙ୍ଗିକ ବ୍ୟବସ୍ଥାରେ ପ୍ରବଚନ ଦେଉଛନ୍ତି। ପ୍ରତିଦିନ ବର୍ଷା ସାଙ୍ଗକୁ ବିଦ୍ୟୁତ୍ ବିଭ୍ରାଟ ସତ୍ତ୍ୱେ ବାବାଙ୍କ ପ୍ରବଚନ କାର୍ଯ୍ୟକ୍ରମ ଜାରି ରହିଛି।

## ଜଳଛତ୍ର ଓ ସରବତ ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ସୁନ୍ଦରଗଡ଼, ୨୪।୬(ସମିସ):** ଏପ୍ରିଲ ୨୨ ତାରିଖରୁ ସୁନ୍ଦରଗଡ଼ ଷ୍ଟାଡିୟମ ପରିସରରେ ସହରର ସାମାଜିକ ସଂଗଠନ ସମର୍ପିତ ସେବା ସଂସ୍ଥାନ (ଟିମ ଶ୍ମଶାନ ବନ୍ଧୁ) ଓ ଜିଲ୍ଲା କ୍ରୀଡ଼ା ସଂସଦ ମିଳିତ ଆନୁକୂଲ୍ୟରେ ଚାଲିଥିବା ଜଳଛତ୍ର ଓ ସରବତ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଉଦଯାପିତ ହୋଇଛି। ସୁନ୍ଦରଗଡ଼ ସହର ସମେତ ସମଗ୍ର ଓଡ଼ିଶା ତତଲା ତାୱାରେ ଭାଜି ହେଉଥିବା ବେଳେ ଏହି ସଂସ୍ଥାର କର୍ମକର୍ତ୍ତାମାନେ ଖରା ଝାଞ୍ଜିକୁ ଖାତିର ନ କରି ହଜାର ହଜାର ପଥଚାରୀ ଓ ତୃଷାର୍ତ୍ତଙ୍କୁ ବିଭିନ୍ନ କିସମର ସୁସ୍ୱାଦୁ ଥଣ୍ଡା ସରବତ ଯୋଗାଇ ଆସୁଥିଲେ। ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହେଉଥିବା ଏହି ଜଳସେବା କାର୍ଯ୍ୟକ୍ରମରେ ମାଠିଆରେ ଥଣ୍ଡାଜଳ ସହ ଓଆରଏସ ଘୋଳ ଓ ବେଲପଣା, ଲେମ୍ବୁ ସିକଞ୍ଜି ମସାଲା, ଲେମ୍ବୁ ସରବତ, ମିଠାଦହି ଲସି, ଲୁଣି ମସାଲା, ତରଭୁଜ, କ୍ଷୀର ରୋହଫଜା ମିଶ୍ରିତ ସରବତ, ପୋଡ଼ା ଆମ୍ବ ସରବତ, ଆମ୍ବ ପଣା, ପାଚିଲା ଆମ୍ବ ଦହି ସରବତ, ଚଣା ଛତୁଆ ସରବତ, ଟଙ୍କ ତୋରାଣି ଏମିତି ବିଭିନ୍ନ କିସମର ସୁସ୍ୱାଦୁ ସରବତ ବିଭିନ୍ନ ଦିବସରେ ମାଗଣାରେ ବଣ୍ଟନ କରାଯାଉଥିଲା। ପ୍ରତିଦିନ ୨ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଏହି ପାନୀୟ ତିଆରି କରାଯାଉଥିଲା। ସହରର ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଓ ଶ୍ରମଦାନ ବଳରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସମେତ ଚିଣ୍ଟୁ ରକ୍ସା, ଦେବେନ୍ଦ୍ର ସାହୁ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ପ୍ରଭାତ ଭୋଳ, ରାଜେନ୍ଦ୍ର କୁମାର ପଣ୍ଡା, ବାପି ଦେ, ଶିଶିର କୁମାର ପଟେଲ, ମୁନା ଭଇଁଷାଲ, ସାମ୍ବାଦିକ ଡମ୍ବରୁଧର ନାୟକ, ଗୀତାରାଣୀ ସାହୁ, ଲତିକା ପଟ୍ଟନାୟକ, ବିଜୁ ମହାରଣାଙ୍କ ସମେତ ବିପିନ ତ୍ରିପାଠୀ, ଅଧ୍ୟାପକ ଅଶୋକ କୁମାର ବରାଇ, ସୁମନ୍ତ ମହାପାତ୍ର, ଜ୍ୟୋତିଷ ବିଶ୍ୱାଳ, ପିଙ୍କୁ ଦାସ ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରୁଥିଲେ। ପ୍ରବଳ ରୌଦ୍ରତାପ କମିବା ସହ ମୌସୁମୀ ବର୍ଷାର ଆଗମନ ହୋଇଛି। ତେଣୁ ୬୨ ଦିନ ଧରି ଚାଲିଥିବା ଏହି ଜଳସେବା ଓ ସରବତ ବଣ୍ଟନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି।



**● ୬୨ ଦିନ ଧରି ଚାଲିଥିଲା ସେବା**

## ଠିକାଦାରଙ୍କ ଇଚ୍ଛାରେ ଚାଲିଛି ପୂର୍ତ୍ତ ବିଭାଗ ରାସ୍ତାକାମ

**ବାଲିଶଙ୍କରା, ୨୪।୬(ସମିସ):** ବାଲିଶଙ୍କରା ବ୍ଲକର ସୀମାନ୍ତ ଲୁଲକିଡିହି ଏବଂ ବନଡେଗା ପଞ୍ଚାୟତ। ପ୍ରାୟତଃ ଏହି ଦୁଇ ପଞ୍ଚାୟତବାସୀ ଝାଡ଼ଖଣ୍ଡ ରାଜ୍ୟ ଉପରେ ନିର୍ଭର କରିଥାନ୍ତି। ଲୁଲକିଡିହି ଗ୍ରାମରୁ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟକୁ ଯିବାକୁ ହେଲେ ୨ କିଲୋମିଟର ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଉକ୍ତ ରାସ୍ତା ନିର୍ମାଣ ପାଇଁ ଗତ ଅଗଷ୍ଟ ମାସରୁ ଠିକାଦାରଙ୍କୁ ନିର୍ଦ୍ଦେଶନାମା ଦିଆଯାଇଛି। କିନ୍ତୁ ଠିକାଦାର ଆଜକୁ ୧୧ ମାସ ହେବ ନିଜ ଇଚ୍ଛାରେ କାର୍ଯ୍ୟ କରି ଚାଲିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ଗଦା କରିଥିବାବେଳେ ରାସ୍ତା ମଝିରେ କେଉଁଠି ଡଷ୍ଟ ତ ଆଉ କେଉଁଠି ଚିପ୍ସ, ମେଟାଲ ଗଦା କରିବା ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଯାତାୟାତ ଠପ ହୋଇଯାଇଛି। ୪ ଚକିଆ ଯାନ ଆଦୌ ଯାଇପାରୁନାହିଁ। ବାଇକରେ ଯିବାଆସିବା କରୁଥିବା ଅନେକ ଲୋକ ଦୁର୍ଘଟଣାଗ୍ରସ୍ତ ହେଲେଣି। ଉକ୍ତ ରାସ୍ତା କେତେ ଟଙ୍କାରେ ତିଆରି ହେଉଛି ତା’ର ସୂଚନା ଫଳକ ମଧ୍ୟ ନାହିଁ। ସ୍ଥାନୀୟ ଠିକାଦାର ଉକ୍ତ ରାସ୍ତା କାର୍ଯ୍ୟ କରୁଥିବାରୁ ଓ ଏହା ସୀମାନ୍ତ ଅଞ୍ଚଳ ହୋଇଥିବାରୁ ତଦାରଖ ପାଇଁ ପ୍ରଶାସନିକ ଅଧିକାରୀ ଯାଉନାହାନ୍ତି। ଫୋନ ଯୋଗେ କାର୍ଯ୍ୟର ତଦାରଖ କରନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ ଉକ୍ତ କାମର ଅଟକଳ ମୂଲ୍ୟ ୫୪ ଲକ୍ଷ ଟଙ୍କା ବୋଲି କହିଛନ୍ତି। ଚିପ୍ସ, ମେଟାଲ, ଡଷ୍ଟ, ରାସ୍ତା ମଝିରେ ପଡ଼ିଥିବା ସେ ସ୍ୱୀକାର କରିଛନ୍ତି। ଅନ୍ୟପଟେ ସେ ଅଧିକାଂଶ ସମୟରେ ଯାଇ କାର୍ଯ୍ୟ ତଦାରଖ କରନ୍ତି ଏବଂ ତୁରନ୍ତ ଠିକାଦାରଙ୍କୁ ତାଗିଦ କରି ୧ ମାସ ଭିତରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ତେବେ ଯଦି ୧ ମାସ ଭିତରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରା ନ ଯାଏ, ଦୁଇ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



## ସାପ କାମୁଡ଼ାରେ ମୃତ ଶିଶୁର ପରିବାରକୁ ସହାୟତା



**ସୁନ୍ଦରଗଡ଼, ୨୪।୬(ସମିସ):** ଭଷ୍ମା ଥାନା ଅନ୍ତର୍ଗତ ମସ୍ୱିକାନୀ ଗ୍ରାମରେ ସାପ କାମୁଡ଼ାରେ ମୃତ ଶିଶୁର ଗରିବ ପରିବାରକୁ ସ୍ଥାନୀୟ ବିଜେଡି ନେତା ସହାୟତାର ହାତ ବଢ଼ାଇଛନ୍ତି। ଜିଲ୍ଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀ ମୃତ ଶିଶୁପୁତ୍ର ବୀର ମୁଣ୍ଡାର ମା’ବାପାଙ୍କୁ ସମବେଦନା ଜଣାଇବା ସହ ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲିଙ୍କ କାର୍ଯ୍ୟାଳୟକୁ ନେଇ ଶୁଦ୍ଧିକ୍ରିୟା ପାଇଁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ବ୍ୟବସ୍ଥା କରିଛନ୍ତି। ଏହାସହ ସରକାରଙ୍କ ନିୟମ ମୁତାବକ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଶୀଘ୍ର ଯୋଗାଇଦେବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, କିଛିଦିନ ପୂର୍ବେଙ୍କ ମସ୍ୱିକାନୀ ମୁଣ୍ଡାପଡ଼ାରେ ରହୁଥିବା ଅତି ଗରିବ ପରିବାରର ବିଜୟ ମୁଣ୍ଡା ଓ ଅନିତା ମୁଣ୍ଡାଙ୍କ ଦେଢ଼ବର୍ଷର ପୁଅ ବୀର ମୁଣ୍ଡାକୁ ଏକ ସାପ କାମୁଡ଼ି ଦେଇଥିଲା। ତାକୁ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ଼ ମୁଖ୍ୟ ଡାକ୍ତରଖାନା ଅଣାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ।

## ଗ୍ରୁପ-ଡି କର୍ମଚାରୀଙ୍କ ପରିବାର ପକ୍ଷରୁ ସିଡିଏମଓଙ୍କୁ ସ୍ମାରକପତ୍ର



**ସୁନ୍ଦରଗଡ଼, ୨୪।୬(ସମିସ):** ୧୯୯୩ ଏପ୍ରିଲ ୧୨ ପୂର୍ବରୁ କାର୍ଯ୍ୟରତ ରେଗୁଲାର ଗ୍ରୁପ୍-ଡି ପଦବୀରେ ଏସଟି, ଏସସି ବର୍ଗର ୬୯ କର୍ମଚାରୀଙ୍କୁ ତୁରନ୍ତ ରେଗୁଲାର କରାଯିବା ଓ ମୃତ୍ୟୁବରଣ କରିଥିବାଙ୍କ କର୍ମଚାରୀଙ୍କ ପରିବାର ସଦସ୍ୟଙ୍କୁ ଅନୁକମ୍ପା ରାଶି ଓ ନିଯୁକ୍ତି ଦେବାକୁ ତାଙ୍କ ପରିବାର ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ଦୀର୍ଘ ୪୦ ବର୍ଷରୁ ଅଧିକ ସମୟ ହେଲା କାର୍ଯ୍ୟରତ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀମାନଙ୍କୁ ୨୦୧୪ରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନ ବିଭିନ୍ନ ଡାକ୍ତରଖାନାରେ ଖାଲି ପଡ଼ିଥିବା ସୁଇପର, ଆଟେଣ୍ଡାଣ୍ଟ, ପିଅନ ଆଦି ରେଗୁଲାର ପଦବୀରେ ଠିକା କର୍ମଚାରୀ ଭାବେ ନିଯୁକ୍ତ କରାଯାଇଥିଲା। ପରେ ତାଙ୍କ ମଧ୍ୟରୁ ୧୧ କର୍ମଚାରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏବଂ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ରେଗୁଲାର ଅର୍ଡର୍ ଥାଇ ମଧ୍ୟ ତାଙ୍କ ସ୍ୱାମୀମାନଙ୍କୁ ରେଗୁଲାର କରାଯାଉ ନାହିଁ। ଏଣୁ ସେମାନେ ଉଚ୍ଚ ନ୍ୟାୟାଳୟ ଏବଂ ସରକାରଙ୍କ ନିୟମ ଅନୁସାରେ ରେଗୁଲାର କରାଯିବା, ମୃତ ପରିବାର ଜନଙ୍କୁ ସ୍ୱାମୀଙ୍କ ସ୍ଥାନରେ ସ୍ତ୍ରୀଙ୍କୁ ଦୈନିକ ନିଯୁକ୍ତି ଦେବା, ନିୟମ ଅନୁଯାୟୀ ଅନୁକମ୍ପା ରାଶି ପରିବାରଙ୍କୁ ପ୍ରଦାନ କରିବା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ କରିବାକୁ ସେମାନେ ଦାବି ଜଣାଇଛନ୍ତି।

# ଜିଲ୍ଲା ଓକିଲ ସଂଘ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

**ସୁନ୍ଦରଗଡ଼, ୨୪।୬(ସମିସ):** ଜିଲ୍ଲା ଓକିଲ ସଂଘ ପକ୍ଷରୁ ପଣ୍ଡରିଡିପାରେ ନିର୍ମାଣାଧୀନ ନୂତନ ଅଦାଲତ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଜିଲ୍ଲା ଦୌରା ଜଜ ଶୁଭଦର୍ଶୀ ପଟ୍ଟନାୟକ ମୁଖ୍ୟଅତିଥି ଏବଂ ଅତିରିକ୍ତ ଜିଲ୍ଲା ଜଜ ତଥା ଦୁର୍ନୀତି ନିବାରଣ ସ୍ୱତନ୍ତ୍ର ଜଜ ରାଜଲକ୍ଷ୍ମୀ ପଟ୍ଟନାଏକ, ଅତିରିକ୍ତ ଜିଲ୍ଲା ଜଜ ରାଜେଶ ଦାସ, ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ ମହେନ୍ଦ୍ର କୁମାର ସୂତ୍ରଧର, ରେଜିଷ୍ଟ୍ରାର ଦିଲୀପ କୁମାର ଶତପଥୀ, ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ସୁଜାତା ପ୍ରିୟମ୍ବଦା ସ୍ୱାଇଁ, ଏସଡିଜେଏମ ଲୋପାମୁଦ୍ରା ବେହେରା, ଜେଏମଏଫସି ଚିନ୍ମୟ ଦାସ, ଜେଏମଏଫସି ଶୀତେଶ ମହାନ୍ତି, ଜେଏମଏଫସି ସ୍ମୃତି ଅଭିଳାସା, ରୋଜାଲିନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଓକିଲ ସଂଘ ସଭାପତି ନରେଶ କୁମାର ନାଏକ, ସମ୍ପାଦକ ଅଶୋକ କୁମାର ସ୍ୱାଇଁ, ଉପସଭାପତି ନିରଜ ସାମନ୍ତରାୟ, ଯୁଗ୍ମ ସମ୍ପାଦକ ବାଦଲ ଚୌଧୁରୀ, କୋଷାଧ୍ୟକ୍ଷ ସରିତା ପଟେଲ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରେମ କୁମାର, ସୁଶାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ବରିଷ୍ଠ ଆଇନଜୀବୀ କିଶୋର ନାଏକ, ପ୍ରଦୀପ ମହାପାତ୍ର, ପ୍ରଦୀପ ମହାନ୍ତି, ପୁରୁଷୋତ୍ତମ ପ୍ରଧାନ, ସତ୍ୟଜିତ ନାଏକ, ବୁଧଦେବ ନାଏକ, ଉମାଶଙ୍କର ପଟେଲ, ପ୍ରୀତୀଶ ମିଶ୍ର, ସତ୍ୟଜିତ ପଣ୍ଡା, ବିକାଶ ନାଏକ, ସଞ୍ଜୟ ମାଝୀ, ସୁଶାନ୍ତ ପାଣ୍ଡେ, ଅଭିଳାଷ ପଣ୍ଡା, ପ୍ରତୀକ ଶେଖର, ସୁପ୍ରଭା ପଟେଲ, ଲଳିତା ବାର୍ଲା, ବାସନ୍ତୀ ବାରିକ, ମଞ୍ଜୁ ପଟେଲ, ଗୀତାରାଣୀ ପଟେଲ, ସୁନିତା ପଟେଲ, ତୃପ୍ତିମୟୀ ନାଏକ, ରଶ୍ମି ମିଞ୍ଜ, ରଶ୍ମିତା ନାଏକ, ଆଭାମୟୀ ଖାଖା, ସୂଚୀତା ଲାକ୍ରା ସମେତ ଅନ୍ୟ ଆଇନଜୀବୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



### ● ଆନ୍ତଃ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ

## ହେମଗିରି ସେଣ୍ଟ ଫ୍ରାନ୍ସିସ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ



**ହେମଗିରି, ୨୪।୬(ସମିସ):** ପଶ୍ଚିମବଙ୍ଗ ବାରାକରଠାରେ ଆୟୋଜିତ ଆନ୍ତଃ ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିଅନ ୨୦୨୪-୨୫ରେ ହେମଗିରି ସେଣ୍ଟ ଫ୍ରାନ୍ସିସ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହ ମେଡାଲ ଜିତି ପ୍ରଶଂସିତ ହୋଇଛନ୍ତି। ଗତ ୨୨ ଓ ୨୩ ତାରିଖ ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲ୍ଲାର ତାଏକ୍ୱୋଣ୍ଡୋ କୋଚ ହେମାସାଗର ନାଏକଙ୍କ ନେତୃତ୍ୱରେ ମୋଟ୍ ୨୨ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦୁଇଟି ଇଭେଣ୍ଟରେ ୨୨ ଜଣ ଯାକ ଖେଳାଳି ବିଭିନ୍ନ ୩୩ଟି ପଦକ ହାସଲ କରିଛନ୍ତି। ଭଲ ଖେଳ ପ୍ରଦର୍ଶନ ପାଇଁ ଚାମ୍ପିଅନ ଟ୍ରଫି ସହ ୧୦ ସ୍ୱର୍ଣ୍ଣ, ୧୧ ରୌପ୍ୟ, ୧୨ କାଂସ୍ୟ ପଦକ ହାସଲ ହାସଲ କରି ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିଛନ୍ତି। ଏହି କୃତିତ୍ୱ ପାଇଁ ସମସ୍ତ ଅଭିଭାବକ ସମେତ ବିଦ୍ୟାଳୟ କର୍ତ୍ତୃପକ୍ଷ କୋଚ ନାଏକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଗୋ-ସୁରକ୍ଷା ପାଇଁ ଆଇନ ପ୍ରଣୟନ ଦାବି

ସୁନ୍ଦରଗଡ଼, ୨୪।୬(ସମିସ)

ଗୋ-ସୁରକ୍ଷା ପାଇଁ ଆଇନ ପ୍ରଣୟନ ଦାବିରେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସୁନ୍ଦରଗଡ଼ ଶାଖା ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଐତିହ୍ୟସମ୍ପନ୍ନ ଓଡ଼ିଶା ରାଜ୍ୟ ଏହାର ପରମ୍ପରା ଓ ସଂସ୍କୃତି ପାଇଁ ଭାରତବର୍ଷରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏହି ରାଜ୍ୟରେ ମହାପ୍ରଭୁ ଜଗନ୍ନାଥଙ୍କ ଧାମ ରହିଥିବା ବେଳେ ଏହି ଧାମ ସାରା ବିଶ୍ୱରେ ଗୋବର୍ଦ୍ଧନ ମଠ ନାମରେ ଖ୍ୟାତି ଅର୍ଜନ କରିଛି। ଗୋ ବଂଶର ବୃଦ୍ଧି ସହ ଏହି ମଠ ସମ୍ପୂର୍ଣ୍ଣ ଭାବେ ଜଡ଼ିତ ଅଛି। ଓଡ଼ିଶାର ମୋଟ ଜନସଂଖ୍ୟାର ପ୍ରାୟ ୯୫ ପ୍ରତିଶତ ହିନ୍ଦୁ ଧର୍ମାବଲମ୍ବୀ ହୋଇଥିବା ବେଳେ ଏଠାକାର ମୁଖ୍ୟ ଜୀବନ ଜୀବିକା ଚାଷ। ଏଠାକାର ବୃହତ ସାଂସ୍କୃତିକ ପରମ୍ପରା ହିନ୍ଦୁ ହୋଇଥିବାରୁ ଗୋମାତା ଓ ଗୋବଂଶ ଯୁଗ ଯୁଗ ଧରି ପୂଜାପାଇ ଆସୁଛନ୍ତି। ଚାଷ କାର୍ଯ୍ୟକୁ ସଫଳ କରିବାକୁ ବଳଦ ହଳ ବ୍ୟବହୃତ ହେଉଛି। ଏହି ମହାନ ଧାର୍ମିକ ପରମ୍ପରା ବଜାୟ ରଖିବା ତଥା ଚାଷ କାର୍ଯ୍ୟର ସଫଳ ରୂପାୟନ କରିବା ପାଇଁ ଚାଷୀମାନେ ଉପଯୋଗ କରି ଆସୁଥିବା ହଳ ବଳଦ ସୁଲଭ ମୂଲ୍ୟରେ ମିଳିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜକୁ ପ୍ରାୟ ୩୦/୩୫ ବର୍ଷ ପୂର୍ବେ ଗୋ ବଜାର ମାନ ସ୍ଥାପନ କରାଯାଇଥିଲା। ଏହି ଗୋ ବଜାର ମାନ ବର୍ଷେ ଦୁଇ ବର୍ଷ ଠିକ୍ ଭାବେ ଚାଲିଥିଲା। ମାତ୍ର ପରବର୍ତ୍ତୀ ସମୟରେ ମୁନାଫାଖୋର ଅନ୍ୟ ଧର୍ମର ବ୍ୟବସାୟୀମାନଙ୍କ ଲୋଲୁପ ଦୃଷ୍ଟି ଏହା ଉପରେ ପଡ଼ିବା ଯୋଗୁଁ ବର୍ତ୍ତମାନ ଏହି ଗୋ ବଜାରଗୁଡ଼ିକ କେବଳ ମାଂସ ଉଦ୍ଦେଶ୍ୟରେ ବସୁଥିବା ଗୋ ବଜାରରେ ପରିଣତ ହୋଇଛି। ପ୍ରତ୍ୟେକ ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ଗୋ ବଂଶ କିଣାବିକା ହେଉଛି। ଏହାକୁ ଅପରାଧୀ ଶ୍ରେଣୀର ବ୍ୟକ୍ତି, ମୁନାଫାଖୋର ବ୍ୟବସାୟୀ ଓ ଦଲାଲମାନେ ପ୍ରତ୍ୟକ୍ଷ ଭାବରେ ନିୟନ୍ତ୍ରଣ କରୁଛନ୍ତି। ଯଦ୍ୱାରା ପ୍ରକୃତ ଚାଷୀ ଉପକୃତ ହୋଇପାରୁନାହାନ୍ତି। ଏହି ବଜାରଗୁଡ଼ିକରୁ ହଜାର ହଜାର ସଂଖ୍ୟାରେ ବୃଦ୍ଧ ଗୋରୁ ଦଲାଲମାନଙ୍କ ମାଧ୍ୟମରେ କିଣାବିକା ହୋଇ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ରାଜ୍ୟରେ ଲୁକ୍କାୟିତ ଭାବେ ଚାଲିଥିବା କଂସେଇଖାନାଗୁଡ଼ିକୁ ନିଆଯାଇ ସେମାନଙ୍କୁ ହତ୍ୟାକରି ମାଂସ ବିକ୍ରି କରାଯାଉଛି। ଗୋରୁମାନଙ୍କ ଖୁରାରେ ଲୁହାକଣ୍ଟା ପିଟା ଯାଇ ଖାଇବାକୁ ଦିଆ ନ ଯାଇ ଶହ ଶହ କିଲୋମିଟର ରାସ୍ତାରେ ଚଳାଇ ନିଆଯାଉଛି। ଗୋରୁମାନେ ରାସ୍ତାରେ ଥକିଯାଇ ମରି ପଡୁଛନ୍ତି। ସେହିପରି ଗୋରୁଙ୍କୁ ଟ୍ରକ୍ ଓ ପିକଅପ ଭ୍ୟାନରେ ଲଦି ରାଜ୍ୟ ବାହାରକୁ ହତ୍ୟା ଉଦ୍ଦେଶ୍ୟରେ ଚାଲାଣ କରାଯାଉଛି ଓ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଲୁକ୍କାୟିତ କଂସେଇଖାନାକୁ ନିଆଯାଇ ହତ୍ୟା କରି ମାଂସ ବିକ୍ରି କରାଯାଉଛି। ଓଡ଼ିଶାରେ ଗୋ-ଚାଲାଣ ଓ ଗୋ-ହତ୍ୟା ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏ ସବୁ ସତ୍ତ୍ୱେ ଓଡ଼ିଶାରେ ହେଉଥିବା ଗୋ-ଚାଲାଣ ଓ ଗୋ-ହତ୍ୟା ରୋକିବା ପାଇଁ ପ୍ରଶାସନିକ ଅଧିକାରୀ ଓ ପୁଲିସ ଅଧିକାରୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ପକ୍ଷରୁ ଏ ନେଇ ଅନେକ ଥର ସ୍ମାରକପତ୍ର ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ଗୋ-ଚାଲାଣ ଓ ଗୋ-ହତ୍ୟା ରୋକିବାକୁ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରୁଥିବା ବ୍ୟକ୍ତିଙ୍କୁ ବିଭିନ୍ନ ମାମଲାରେ ଫସାଇ ଆନ୍ଦୋଳନକୁ ଭଣ୍ଡୁର କରାଯାଉଛି ବୋଲି ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି। ଓଡ଼ିଶା ସରକାର ଗୋ-ହତ୍ୟା ଓ ଗୋ-ଚାଲାଣ ବିରୋଧରେ କଡ଼ା ଆଇନ ପ୍ରଣୟନ କରିବା ସହ ଗୋ-ସମ୍ପଦର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ଲକରେ ଗୋଶାଳା ନିର୍ମାଣ କରିବାକୁ ଏଥିରେ ଦାବି ରହିଛି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବି ନାରାୟଣ ସାହୁ ସ୍ମାରକପତ୍ର ଗ୍ରହଣ କରିଛନ୍ତି। ସଙ୍ଗଠନ ପକ୍ଷରୁ କିଶୋର ମିଶ୍ର, ତରଣୀସେନ କାଲୋ, ଲବ ରଣା, ଗଜେନ୍ଦ୍ର ସିଂ, ଅନୀଲ ଚୌଧୁରୀ, ଅରୁଣ ଖଣ୍ଡା ପ୍ରମୁଖ କର୍ମକର୍ତ୍ତା ସ୍ମାରକପତ୍ର ପ୍ରଦାନ କରିଛନ୍ତି।



**● ରାଜ୍ୟପାଳଙ୍କୁ ସ୍ମାରକପତ୍ର**

